## କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ

ରାଜ୍ୟର ଅଣଦୁଗ୍ଧ ବନ୍ୟା ଅଞ୍ଚଳରେ ଅବସ୍ଥିତ ପାର୍ବତ୍ୟ ଓ ପଛୁଆ ଜିଲ୍ଲା ମାନଙ୍କରେ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଅର୍ଥିକ ସହାୟତାରେ 'ସମନ୍ୱିତ ଦୁଗ୍ଧ ଉନ୍ନୟନ ପ୍ରକଳ୍ପ' କାର୍ଯ୍ୟ କରୁଅଛି । ଏହି ପ୍ରକଳ୍ପ ସହାୟତାରେ ଗ୍ରାମାଞ୍ଚଳରେ ବାସକରୁଥିବା ଚାଷୀ ମାନଙ୍କ ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ନିମନ୍ତେ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଗୋପାଳନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦୁଗ୍ଧକୁ ଉଚିତ୍ ମୂଲ୍ୟରେ କ୍ରୟ କରାଯାଉଛି । ଏହା ସହିତ ଦୁଗ୍ଧ ଶୀତଳୀକରଣ ଓ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇ ଜୀବାଣୁ ମୁକ୍ତ ଦୁଗ୍ଧ ସହରାଞ୍ଚଳରେ ଖାଉଟି ମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି ।

ଉକ୍ତ ପ୍ରକଳ୍ପ ପର୍ଯ୍ୟାୟ କ୍ରମେ ୧୯୯୩-୯୪ ମସିହାରୁ ଆରମ୍ଭ ହୋଇ କାର୍ଯ୍ୟ କରୁଅଛି । ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ସମସ୍ତ ପର୍ଯ୍ୟାୟ ପାଇଁ ମୋଟ ୨୪୮୦.୫୮ ଲକ୍ଷ ଅନୁମୋଦିତ ଅର୍ଥରୁ ରାଜ୍ୟ ସରକାର ପାଇଥିବା ୨୦୪୫.୮୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ।

ଏତଦ୍ ବ୍ୟତୀତ, ରାଜ୍ୟରେ ମହିଳା ଗୋବିକାଶ ପ୍ରକଳ୍ପ (STEP) ଓ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପ୍ରକଳ୍ପ ମଧ୍ୟ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟ କରୁଛି । ଫଳରେ ଉପରୋକ୍ତ ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇପାରୁଛି ।

## ଗୃହପାଳିତ ପଶୁ ମାନଙ୍କ ପାଇଁ ପ୍ରତିଷେଧକ ଟିକା

| କ୍ର.ନଂ. | ରୋଗର ନାମ | ଟିକାର ନାମ | କିପରି ଟିକା ଦିଆଯାଏ | ଟିକା ଦେବାର ବୟସ | ଟିକା କେତେ ଦିନ ପର୍ଯ୍ୟନ୍ତ କାମକରେ |
|---|---|---|---|---|---|
| ୧. | ସାହାଣା | କ) ଅଏଲ୍ ଆଡ୍‌ଯୁଭାଣ୍ଟ<br>ଖ) ଆଲମ ଆଡ୍‌ଯୁଭାଣ୍ଟ | ମାଂଶପେଶୀ ତଳେ<br>ଚମଡା ତଳେ | ୩-୬ ମାସ ମଧ୍ୟରେ<br>୩-୬ ମାସ ମଧ୍ୟରେ | ୧ ବର୍ଷ<br>୬ ମାସ |
| ୨. | ବଙ୍କବଙ୍କିଆ | କ) ବି.କ୍ୟୁ. ଭ୍ୟାକ୍‌ସିନ୍<br>ଖ) ବୁଷ୍ଟର ଟିକା | ଚମଡା ତଳେ<br>ଚମଡା ତଳେ | ୩-୬ ମାସ ମଧ୍ୟରେ<br>ପ୍ରଥମ ଟିକା ପ୍ରଦାନର ୧୦ମ ଦିନ | ୬ ମାସ<br>୬ ମାସ |
| ୩. | ଆନ୍ଥ୍ରାକ୍ସ | ଆନ୍ଥ୍ରାକ୍ସ ସ୍ପୋର ଭ୍ୟାକ୍‌ସିନ୍ | ଚମଡା ତଳେ | ୬ ମାସରୁ ଉର୍ଦ୍ଧ୍ୱ ଗାଇ ଓ ଗୋରୁଙ୍କୁ | ୧ ବର୍ଷ |
| ୪. | ଫାଟୁଆ | ଏଫ୍.ଏମ୍.ଡି. ଭ୍ୟାକ୍‌ସିନ୍ | ଚମଡା ବା ମାଂସ ତଳେ | ୩-୬ ମାସ ମଧ୍ୟରେ | ୬ ମାସ |
| ୫. | ଆନ୍ତଃ ବିଷାଣୁ | ଏଣ୍ଟେରୋଟକ୍ସିମିଆ | ଚମଡା ତଳେ | ୩ ମାସରୁ ଉର୍ଦ୍ଧ୍ୱ ଛେଳି ମେଣ୍ଢା ମାନଙ୍କୁ | ୧ ବର୍ଷ |
| ୬. | ପି.ପି.ଆର୍ | ପି.ପି.ଆର୍ ଭ୍ୟାକ୍‌ସିନ୍ | ଚମଡା ତଳେ | ୩ ମାସରୁ ଉର୍ଦ୍ଧ୍ୱ ଛେଳି ମେଣ୍ଢା ମାନଙ୍କୁ | ୩ ବର୍ଷ |
| ୭. | ଜଳାତଙ୍କ | ଆଣ୍ଟି ରାବିକ୍ ଭ୍ୟାକ୍‌ସିନ୍<br>କ) ଫ୍ଲୁରି ଷ୍ଟ୍ରେନ୍<br>ଖ) ସେଲ୍ କଲ୍‌ଚର୍ ଟିକା | ଇଂଜେକ୍‌ସନ୍ ଆକାରରେ<br>ମାଂସପେଶୀ ମଧ୍ୟରେ<br>ମାଂସପେଶୀ ମଧ୍ୟରେ | ୩ ମାସରୁ ଉର୍ଦ୍ଧ୍ୱ କୁକୁରଙ୍କୁ | ୧ ବର୍ଷ |

## ଗୃହାଙ୍ଗନରେ କୁକୁଡା ପାଳନ

**କିଛିତଥ୍ୟ :**

ଏ ବର୍ଷ ଅଦ୍ୟାବଧି ୪ ଗୋଟି ସରକାରୀ କୁକୁଡା ଓ ବତକ ଫାର୍ମରୁ ୬୨,୨୫୮ ଗୋଟି ଉନ୍ନତ ମାନର କୁକୁଡା ଚିଆଁ ଯଥା- ବନରାଜ, ଆର୍-ଆଇ-ଆର୍ ଇତ୍ୟାଦି ଉତ୍ପାଦନ କରି ସାଧାରଣ ଗରିବ ଚାଷିଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇଛି ।

ଉକ୍ତ ଚିଆଁ ପାଳନ କରି ଗ୍ରାମାଞ୍ଚଳରେ ଅଣ୍ଡା ଓ ମାଂସ ଉତ୍ପାଦନ ହେଲେ ସେମାନଙ୍କର ପୁଷ୍ଟିହିନତା ଦୂରୀକରଣ ଓ ଅର୍ଥନୈତିକ ଅଭ୍ୟୁତ୍ଥାନରେ ସହାୟତା କରିବ ।

## ଗ୍ରାମାଞ୍ଚଳରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମିତ୍ତ ସରକାରୀ ପଦକ୍ଷେପ

ଆମ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ଗୃହାଂଗନରେ କୁକୁଡା ପାଳନ ପାଇଁ କମ୍‌ଖର୍ଚ୍ଚ ବିଶିଷ୍ଟ ଉନ୍ନତ ମାନର କୁକୁଡା ଚିଆଁ ଉତ୍ପାଦନ କରାଇବା ସକାଶେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ରାଜ୍ୟର ୨ ଗୋଟି କୁକୁଡା ଫାର୍ମ ଯଥା କୁକୁଡା ପ୍ରଜନନ ଓ ଗବେଷଣା ଫାର୍ମ, ଶିମିଳିଗୁଡା, କୋରାପୁଟ ଏବଂ କୁକୁଡା ପ୍ରଜନନ ଓ ଗବେଷଣା ଫାର୍ମ ଅନୁଗୁଳକୁ ଚଳିତ ବର୍ଷ କାର୍ଯ୍ୟକ୍ଷମ କରାଯାଉଅଛି ।

ଏହି ଦୁଇଗୋଟି ଫାର୍ମରୁ ବର୍ଷକୁ ଆନୁମାନିକ ୬ ଲକ୍ଷ କୁକୁଡା ଚିଆଁ ଉତ୍ପାଦନ କରାଯାଇ ନ୍ୟୁନତମ ମୂଲ୍ୟରେ ଉକ୍ତ ଅଂଚଳର ଗରିବ ଚାଷୀଙ୍କୁ ଗୃହାଂଗନରେ କୁକୁଡା ପାଳନ କରିବା ପାଇଁ ଯୋଗାଇ ଦିଆଯିବ । ଏହାଦ୍ୱାରା ଆମ ରାଜ୍ୟ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ନିମିତ୍ତ ଆଗେଇଯିବ ।

## ଓଡିଶା ପଶୁ ସଂପଦ ବିକାଶ ସମିତିର ସାଫଲ୍ୟ

ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଘଟାଇବା ଓ ବେକାର ସମସ୍ୟାର ହ୍ରାସ ନିମନ୍ତେ କେନ୍ଦ୍ର ସରକାର ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନା ପ୍ରଣୟନ କରିଛନ୍ତି । ଆମ ରାଜ୍ୟରେ ଏହାର ସଫଳ ରୂପାୟନ ନିମନ୍ତେ ସୋସାଇଟି ଧାରା (୧୯୬୦) ଏବଂ ସରକାରଙ୍କ ନିର୍ଦ୍ଦେଶନାମା ସଂଖ୍ୟା ୭/୯୯ ତା ୨୯.୫.୧୯୯୯ ଅନୁଯାୟୀ ଓଡିଶା ପଶୁସମ୍ପଦ ବିକାଶ ସମିତି ଗଠନ କରାଯାଇଅଛି ।

ଏହି ଯୋଜନା ବ୍ୟତୀତ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ପଶୁ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଚାଷୀ ମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ବାବଦକୁ ସଂଗୃହୀତ ବ୍ୟବହାରିକ ମୂଲ୍ୟ ଏହି ସମିତି ମାଧ୍ୟମରେ ଜମା ରହୁଅଛି, ୨୦୦୪-୦୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସର୍ବମୋଟ ୪ କୋଟି ୯୩ ଲକ୍ଷ ୭୦ ହଜାର ୯ ଶହ ୬୩ ଟଙ୍କା ବ୍ୟବହାରିକ ମୂଲ୍ୟ ବାବଦରୁ ଆସିଅଛି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଏହି ସଂଗୃହିତ ବ୍ୟବହାରିକ ମୂଲ୍ୟରୁ (୨୦୦୪-୦୫ ସୁଦ୍ଧା) ୧ କୋଟି ୩୬ ହଜାର ୫ ଶହ ୯୧ ଟଙ୍କା ବ୍ୟୟ କରାଯାଇଅଛି । ଏହି ବ୍ୟବହାରିକ ମୂଲ୍ୟ ପାଣ୍ଠିଦ୍ୱାରା ସଂପୃକ୍ତ ଜିଲ୍ଲାର ଡାକ୍ତର ଖାନା ମରାମତି ଓ ନିର୍ମାଣ, ବିଦ୍ୟୁତ୍ କରଣ ଓ ବିଭିନ୍ନ ଯନ୍ତ୍ରପାତି ତଥା ଉପକରଣ ଯୋଗାଇ ଦିଆଯିବା ସହିତ ପ୍ରତିଷେଧକ ଟିକାର ଗୁଣାତ୍ମକ ମାନର ସୁରକ୍ଷା ପାଇଁ ଆବଶ୍ୟକୀୟ ''କୋଲଡ୍ ଚେନ୍'' ର ବ୍ୟବସ୍ଥା କରାଯାଇ ପାରିଛି ଯାହାକି ସରକାରଙ୍କ ସୀମିତ ବଜେଟ ଅର୍ଥରେ କରିବା ସମ୍ଭବପର ହୋଇ ପାରୁ ନଥିଲା ।

ଏହି ବିକାଶ ସମିତି ମାଧ୍ୟମରେ ଜାତୀୟ ଗୋ-ପ୍ରଜନନ ଯୋଜନାରେ କୃତ୍ରିମ ପ୍ରଜନନ ସେବାକୁ ଗୋପାଳକମାନଙ୍କ ଦ୍ୱାରା ଦେଶରେ ପହଞ୍ଚାଇବା ସହିତ ବେକାର ଯୁବକ ଯୁବତୀଙ୍କ ଆତ୍ମ ନିଯୁକ୍ତି ନିମନ୍ତେ ''ଗୋ-ମିତ୍ର'' ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଛି । ଅଦ୍ୟାବଧି ୨୮୯ ଜଣ ଗୋମିତ୍ର ପ୍ରଶିକ୍ଷଣ ପାଇ ଆତ୍ମ ନିଯୁକ୍ତି ପାଇ ସାରିଥିବା ବେଳେ ଚଳିତ ବର୍ଷ ୨୦୦୫-୦୬ ରେ ୨୫୩ ଜଣ ଗୋ-ମିତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇ ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଉଅଛି ।